ଇ-ମେଲ୍ : samaja.relief@gmail.com

## 'ସମାଜ ରିଲିଫ ପାଣ୍ଠି'କୁ ଦାନ

Samaj Relief Fund Account No.: 3217012100000311
IFSC : PUNB0491100
Ph : 0671-2301184, 2301240 (Ext-155), 9937119624, 7328835121
Mob.: 9937312520, 9556720362, 9437013785, 9437020348

ମୁଖ୍ୟ କାର୍ଯ୍ୟାଳୟ : ସମାଜ ରିଲିଫ ପାଣ୍ଠି, ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ-୭୫୩୦୦୧

ବି.ଦ୍ର : ଭାରତ ସରକାରଙ୍କ ନିୟମ ଅନୁଯାୟୀ ଦାନ ସମୟରେ ଦାତା ପ୍ୟାନ୍ କାର୍ଡ କିମ୍ବା ଆଧାର କାର୍ଡ ନମ୍ବର ଦେବାକୁ ଅନୁରୋଧ

ଇଚ୍ଛୁକ ବଦାନ୍ୟ ବ୍ୟକ୍ତି ଏହି QR Code ମାଧ୍ୟମରେ ରିଲିଫ୍ ପାଣ୍ଠିକୁ ଦାନ ଦେଇ ତାହାର Screen Short ଉପରେ ଦର୍ଶାଯାଇଥିବା ରିଲିଫ ମେଲ୍‌କୁ ପଠାଇବାକୁ ଅନୁରୋଧ ।

### ବାଳକୃଷ୍ଣ ମାଝୀଙ୍କ ଶହେ ବର୍ଷ ଜନ୍ମବାର୍ଷିକୀ ସ୍ମୃତିରେ...



ଭୁବନେଶ୍ୱର : ବାରଙ୍ଗ ନିକଟବର୍ତ୍ତୀ କେନ୍ଦୁପାଟଣା ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଜନ୍ମିତ ଦିବଂଗତ ବାଳକୃଷ୍ଣ ମାଝୀଙ୍କ ଏକ ଶତତମ ଜନ୍ମବାର୍ଷିକୀ ଅବକାଶରେ ତାଙ୍କର ନିଃସ୍ୱାର୍ଥପର ଶିକ୍ଷକତା, ସମାଜସେବା, ସଂସ୍କାରୀ ଜୀବନଚର୍ଯ୍ୟା ଓ ସ୍ଥାନୀୟ ଉତ୍କଳମଣି ବିଦ୍ୟାପୀଠ, କୁଞ୍ଜ ବିହାରୀ କଲେଜ ସ୍ଥାପନରେ ତାଙ୍କର ଭୂମିକା ସ୍ମରଣୀୟ ପୂର୍ବକ ତାଙ୍କ ପରିବାର ତରଫରୁ ଅମ୍ଳାନ ସ୍ମୃତିରେ ରାଜ୍ୟର ଦୁଃସ୍ଥ, ଅସହାୟ ତଥା ଉଦୀୟମାନ ବିଦ୍ୟାର୍ଥୀଙ୍କ ସହାୟତା ନିମନ୍ତେ ୧୫,୫୦୦ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି ।।

### ଇଂ. ଆକାଶ ପଟ୍ଟନାୟକ (ପିଣ୍ଟୁ)ଙ୍କ ସ୍ମୃତିରେ...

କଟକ : ଭୁବନେଶ୍ୱର କ୍ରିଷ୍ଣା ଗାର୍ଡନ୍ ନିବାସୀ ପିତା ଇଂ ସନାନ୍ତ ପଟ୍ଟନାୟକ, ମାତା ଅମିତା ପଟ୍ଟନାୟକଙ୍କ ଜ୍ୟେଷ୍ଠପୁତ୍ର ଇଂ ଆକାଶ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ (ତା.୩୦।୪, ବୈଶାଖ ଶୁକ୍ଳପକ୍ଷ, ଅକ୍ଷୟ ତୃତୀୟା) ପାଳନ ଅବସରରେ ଦିବଂଗତ ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପରିବାରରୁ ପିତାମାତା, ଭ୍ରାତା ସାଗର ପଟ୍ଟନାୟକ ପିଣ୍ଟୁର ଅମ୍ଳାନ ସ୍ମୃତିରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ସହାୟତା ନିମନ୍ତେ ୧୦,୦୦୧ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି ।

### ବିଧାୟକ ଡାକ୍ତର ଜଗନ୍ନାଥ ଦାସଙ୍କ ସ୍ମୃତିରେ...

କଟକ : ଯାଜପୁର ଜିଲା ଛତିଆ ଗ୍ରାମ ନିବାସୀ ବଡ଼ଚଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ, ଶିକ୍ଷାବିତ୍, ସମାଜସେବୀ, ଚିକିତ୍ସକ ତଥା ବଡ଼ଚଣା ଅଞ୍ଚଳର ଗାନ୍ଧୀ ରୂପେ ପରିଚିତ ଓ ପ୍ରଥମ ଦଧୀଚି ଡାକ୍ତର ଜଗନ୍ନାଥ ଦାସଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ (ତା.୩୦।୪) ପାଳନ ଅବସରରେ ତାଙ୍କର ଧର୍ମପତ୍ନୀ ସ୍ୱର୍ଗୀୟା ଶାନ୍ତିଲତା ଦାସ ତଥା ଡା. ଦାସଙ୍କର ତ୍ୟାଗପୂତ, ଉତ୍ସର୍ଗୀକୃତ ଜୀବନ ସର୍ବୋପରି ସେବା ମନୋଭାବାପନ୍ନ କାର୍ଯ୍ୟାବଳୀକୁ ସ୍ମରଣ କରି ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟର ଦୁଃସ୍ଥ, ଅସହାୟ ଓ କର୍କଟ ଭଳି ମାରାତ୍ମକ ରୋଗରେ ପୀଡ଼ିତ ତଥା ବୃଦ୍ଧ, ବୃଦ୍ଧା, ଅନାଥ ଶିଶୁଙ୍କ ସହାୟତା ଲାଗି ଛତିଆ, ବଡ଼ଚଣା, ମାହାଙ୍ଗା, ଟାଙ୍ଗୀ ଅଞ୍ଚଳର ପୂଜ୍ୟପୂଜା ସଂସଦ ୧୦,୦୦୧ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି ।

### ନାରାୟଣ ଦାଶଙ୍କ ସ୍ମୃତିରେ...

କଟକ : କଟକ ଜିଲା କୁଆଁପାଳ ଜଁକୋଟୀ, ନୃତାଙ୍ଗ ନିବାସୀ ନାରାୟଣ ଦାଶଙ୍କ ପୁଣ୍ୟତିଥି (ଅକ୍ଷୟ ତୃତୀୟା) ପରିବାରର ସମସ୍ତ ସଦସ୍ୟ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ରାଜ୍ୟର ଅସହାୟ ବୃଦ୍ଧ-ବୃଦ୍ଧାଙ୍କ ସହାୟତା ନିମନ୍ତେ ୬୫୦୦ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି ।

### ବିଚିତ୍ରାନନ୍ଦ ଦାସଙ୍କ ସ୍ମୃତିରେ...

କଟକ : କଟକ ବଙ୍ଗାଳୀ ସାହି ନିବାସୀ ବିଚିତ୍ରାନନ୍ଦ ଦାସଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ (ଅକ୍ଷୟ ତୃତୀୟା) ପାଳନ ଅବସରରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ପ୍ରାର୍ଥନା ପୂର୍ବକ ତାଙ୍କର ଧର୍ମପତ୍ନୀ, ପୁତ୍ର, କନ୍ୟା, ଜାମାତା, ନାତି ଓ ପରିବାରବର୍ଗ ଦୁଃସ୍ଥ, ଅସହାୟ ରୋଗୀଙ୍କ ଚିକିତ୍ସା ସହାୟତା ନିମନ୍ତେ ୫୫୦୦ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି ।

### ଦେବାଶିଷ ରାୟଙ୍କ ସ୍ମୃତିରେ...

କଟକ : ଭୁବନେଶ୍ୱର ନୟାପଲ୍ଲୀ, ଆଇ.ଆର୍.ସି. ଭିଲେଜ୍ ନିବାସୀ ଦେବାଶିଷ ରାୟଙ୍କ ୭ମ ଶ୍ରାଦ୍ଧବାର୍ଷିକୀ (ତା.୩୦।୪, ଅକ୍ଷୟ ତୃତୀୟା) ପାଳନ ଅବସରରେ ପରିବାରରୁ ତାଙ୍କର ପିତା-ଗିରୀଶ ଚନ୍ଦ୍ର ରାୟ, ମାତା କଲ୍ୟାଣୀ ମହାନ୍ତି, ଧର୍ମପତ୍ନୀ, କନ୍ୟା, ଭ୍ରାତା ଓ ଆତ୍ମୀୟ ସ୍ୱଜନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ତାଙ୍କର ଅଭୁଲା ସ୍ମୃତିରେ ଦୁଃସ୍ଥ, ଅସହାୟ ପୀଡ଼ିତଙ୍କ ଚିକିତ୍ସା ସହାୟତା ନିମନ୍ତେ ୫୧୦୦ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି ।

### ଇଂ. ହିମାଂଶୁ ପାଣିଗ୍ରାହୀ (ବାବୁ)ର ସ୍ମୃତିରେ...



କଟକ : ଯାଜପୁର ଜିଲା ବ୍ୟାସନଗର ପୌରାଞ୍ଚଳର ଦଳା ନିବାସୀ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ନରେନ୍ଦ୍ରନାଥ ପାଣିଗ୍ରାହୀ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦାଶଙ୍କର ଏକମାତ୍ର ପୁତ୍ର ହିମାଂଶୁର ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ (ତା.୩୦।୪) ବୁଧବାର ପବିତ୍ର ଅକ୍ଷୟ ତୃତୀୟା ପାଳନ ଅବସରରେ ଦିବଂଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ପୂର୍ବକ ଦୁଃସ୍ଥ, ଅସହାୟ ଓ ପୀଡ଼ିତଙ୍କ ସହାୟତା ନିମନ୍ତେ ୫୦୦୦ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି ।

### ବିବାହର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ...

କଟକ : ସୁବର୍ଣ୍ଣପୁର ଜିଲା ବିନିକା ନିବାସୀ ଓ ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ରାଜେନ୍ଦ୍ର କୁମାର ପାତ୍ର ଓ ଧର୍ମପତ୍ନୀ ବାସନ୍ତୀ ପାତ୍ରଙ୍କ ବିବାହର ୫୦ତମ ବାର୍ଷିକ (ତା.୩୦।୪, ପବିତ୍ର ଅକ୍ଷୟ ତୃତୀୟା) ପାଳନ ଅବସରରେ ଦମ୍ପତିଙ୍କ ଦୀର୍ଘ ନିରାମୟ ସୁଖୀ ବୈବାହିକ ଜୀବନ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାଭିକ୍ଷା କରିବା ସହିତ ଅସହାୟ ଶିଶୁଙ୍କ ଚିକିତ୍ସା ସହାୟତା ନିମନ୍ତେ ୧୦,୦୦୧ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି । ସେ କଟକ ସହର ନିବାସୀ ସାଧୁଚରଣ ରାଉତଙ୍କ ଜାମାତା ତଥା ଯାଜପୁର ଜିଲା ଝୁମ୍ପାଣ ନିବାସୀ ଅନାମ ଚନ୍ଦ୍ର ପାତ୍ରଙ୍କ ପୁତ୍ର ଅଟନ୍ତି ।

### ବିବାହର ୩୫ ବର୍ଷ ପୂର୍ତ୍ତି ଉପଲକ୍ଷେ...

ଭୁବନେଶ୍ୱର : ଖଣ୍ଡଗିରି ବାରି ପ୍ଲଟ ନଂ- ୧୦୮୩ ନିବାସୀ ବର୍ଷା ପାତ୍ର(ସୋନି) ଓ ସିଦ୍ଧାନ୍ତ ପାତ୍ର(ପିଙ୍କୁ) ସେମାନଙ୍କର ପିତାମାତା ଗୌରାଙ୍ଗ ଚନ୍ଦ୍ର ପାତ୍ର ଓ ମିନତି ଦଲାଲଙ୍କ ୩୫ତମ ବିବାହ ବାର୍ଷିକ ପୂର୍ତ୍ତି (ତା.୩୦।୪, ଅକ୍ଷୟ ତୃତୀୟା) ପାଳନ ଅବସରରେ ମାନବ ସମାଜର ମଙ୍ଗଳ ନିମନ୍ତେ 'ସମାଜ ରିଲିଫ ପାଣ୍ଠି'କୁ ୫୩୫୦ଟଙ୍କା ପ୍ରଦାନ କରିଛନ୍ତି ।

### ଲମ୍ବୋଦର ନାୟକଙ୍କ ୯୧ତମ ଜନ୍ମଦିବସ ଉପଲକ୍ଷେ...



ଭୁବନେଶ୍ୱର : ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ଗ୍ରାମ ନିବାସୀ ଲମ୍ବୋଦର ନାୟକ ତାଙ୍କର ୯୧ତମ ଜନ୍ମଦିବସ (ଅକ୍ଷୟ ତୃତୀୟା) ପୂର୍ତ୍ତି ପାଳନ ଅବସରରେ ରାଜ୍ୟର ଦୁଃସ୍ଥ, ଅସହାୟ ଓ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ସହାୟତା ନିମନ୍ତେ ୫୦୯୧ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ତାଙ୍କର ପୁତ୍ର ଓ ପୁତ୍ରବଧୂ: ପଙ୍କଜ-ଶାନ୍ତିଲତା, ବିଜୟ-ମଧୁମିତା, ସୀତାମଣି, କନ୍ୟା ଓ ଜାମାତା: ଡଲି-ବିକ୍ରମ, ମନୁ-ରଞ୍ଜନ, ଚିନୁ-ହେମନ୍ତ, ନିରୁ-ଶିଶିର, ନାତି-ଗୁଡୁ, ଲୁଡୁ ତଥା ସମସ୍ତ ନାତିନାତୁଣୀ ଓ ଆତ୍ମୀୟସ୍ୱଜନମାନେ ତାଙ୍କର ଦୀର୍ଘ, ନିରାମୟ ଓ ସୁସ୍ଥ ଜୀବନ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ।

### ବିବାହର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ...



କଟକ : ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ପାଞ୍ଚପଡ଼ା, ନାରାୟଣ ପାଟନା ଗ୍ରାମ ନିବାସୀ ଚାନ୍ଦବାଲି ବ୍ଲକ୍ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ ଓ ଧର୍ମପତ୍ନୀ ତପସ୍ୱିନୀ ରାଉତ ସେମାନଙ୍କ ବିବାହର ୨୫ ବର୍ଷ ପୂର୍ତ୍ତି (ତା.୩୦।୪, ଅକ୍ଷୟ ତୃତୀୟା) ପାଳନ ଅବସରରେ ରାଜ୍ୟର ଦୁଃସ୍ଥ, ଅସହାୟ ଓ ପୀଡ଼ିତଙ୍କ ସହାୟତା ନିମନ୍ତେ ୫୦୦୫ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ଦୁଇ ପୁତ୍ର, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନମାନେ ଦମ୍ପତିଙ୍କ ଦୀର୍ଘ ନିରାମୟ ଓ ସୁସ୍ଥ ଜୀବନ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ବିବାହ ବାର୍ଷିକୀର ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

### ବିବାହର ୪୬ ବର୍ଷ ପୂର୍ତ୍ତି ଉପଲକ୍ଷେ...



କଟକ : ଯାଜପୁର ଜିଲା ବରକୋଟି ଇଚ୍ଛାପୁର ମାଟି ବଂଶଜ ସ୍ୱର୍ଗତ ଗିରିଧାରୀ ନାଥ ଓ ମୋତି ନାଥଙ୍କ ପୁତ୍ର ପୂର୍ବତନ ଶିକ୍ଷକ ସନ୍ନ୍ୟାସୀ ଚରଣ ନାଥଙ୍କ ସହିତ ବୈଶ୍ୟପାନ ଯାଜପୁର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଧନେଶ୍ୱର ମେହେର ଓ ପୂର୍ଣ୍ଣିମା ମେହେରଙ୍କ ଜ୍ୟେଷ୍ଠ କନ୍ୟା ପୂର୍ବତନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମେହେରଙ୍କ ବିବାହର ୪୬ ବର୍ଷ ପୂର୍ତ୍ତି ଉପଲକ୍ଷେ ତାଙ୍କର କନିଷ୍ଠ ପୁତ୍ର-ବଧୂ ବିଜୟ ଲକ୍ଷ୍ମୀ ପାତ୍ର (ରୁନି) କନିଷ୍ଠ ପୁତ୍ର ଭବାନୀ ଶଙ୍କର ନାଥ (କାହ୍ନା) ନାତି ନୈବେଦ୍ୟ ବର ଓ ଅଶ୍ୱସ୍ତ ଗଛ ଲଗାଇବା ଓ ଗୋସେବା ନିମନ୍ତେ ୫୦୦୧ ଟଙ୍କା 'ସମାଜ ରିଲିଫ ପାଣ୍ଠି'କୁ ଦାନ କରିଛନ୍ତି ।

**ଅନୁଷ୍ଠାନ ପକ୍ଷରୁ ସମସ୍ତ ଦାତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।**

ସ୍ଥିତି ଜାହିର ପାଇଁ ଜମିକିଣି ପଟ୍ଟା ପାଉତି କରିନେଲେଣି ବାଂଲାଦେଶୀ

# ୨୧ ବର୍ଷ ଧରି ଫାଇଲ ତଳେ ଦେଶାନ୍ତର ନୋଟିସ

ରାଜନଗର, ୨୯।୪(ନି.ପ୍ର): ଜାମ୍ମୁ କାଶ୍ମୀରର ପହଲଗାଁରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ହତ୍ୟା କରିବା ପରେ ସମଗ୍ର ଦେଶରେ ଉତ୍ତେଜନା ପ୍ରକାଶ ପାଇଛି । ସରକାର କଠୋର ହୋଇ ପାକିସ୍ତାନ ନାଗରିକଙ୍କୁ ଚିହ୍ନଟକରି ଦେଶରୁ ବିତାଡ଼ିତ କରୁଛନ୍ତି । ଏହି ପ୍ରକ୍ରିୟା ଏବେ ଜାରି ରହିଛି । କିଛିଦିନ ପୂର୍ବରୁ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ଇସ୍ତଫା ଦେଇ ଭାରତ ପଳାଇ ଆସିବା ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା । ଦେଶରୁ ବାଂଲାଦେଶୀ ହଟାଅ ଦାବି ଜୋର ଧରିଥିଲା । ଏହା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାବେଳେ ବାଂଲାଦେଶୀମାନେ ନିଜର ସ୍ଥିତି ଜାହିର କରିବା ପାଇଁ ଜମିକିଣି ପଟ୍ଟା ପାଉତି କରିନେଲେଣି । ଆଧାର କାର୍ଡ, ରେସନ, ଭତ୍ତା ବି ହାତେଇ ନେଲେଣି । ଏଭଳି ସ୍ଥିତିରେ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ।

ପ୍ରକାଶଥାଉକି, ୨୧ବର୍ଷ ତଳେ ବାଂଲାଦେଶୀଙ୍କୁ ଦେଶ ଛାଡ଼ି ଚାଲି ଯିବାକୁ ନୋଟିସ ଦିଆଯାଇଥିଲା; ମାତ୍ର ନୋଟିସ ଲାଗିବା ପରେ ଜଣେ ବି ବାଂଲାଦେଶୀ ଦେଶ ଛାଡ଼ି ଗଲେନାହିଁ । ୨୦୦୪ ଫେବୃଆରୀ ୨୮ ତାରିଖରେ କେନ୍ଦ୍ରାପଡ଼ା ଜିଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୧୦ମାସ ଧରି ଚିହ୍ନଟ ପ୍ରକ୍ରିୟା ଚାଲିବା ପରେ ଡିସେମ୍ବରରେ ତାଲିକା ପ୍ରକାଶ ପାଇଲା । ଜିଲାର ମହାକାଳପଡ଼ା ବ୍ଲକରେ ସର୍ବାଧିକ ୧୫୫୧ଜଣ, ରାଜନଗର ବ୍ଲକରୁ ୫୧ଜଣ ଓ ପଟ୍ଟାମୁଣ୍ଡାଇ ବ୍ଲକରୁ ୪୭ଜଣଙ୍କୁ ଚିହ୍ନଟ କରାଯାଇ ଦେଶ ଛାଡ଼ିବା ପାଇଁ ୩୦ ଦିନିଆ ନୋଟିସ ଦିଆଯାଇଥିଲା । ମୋଟ ୧୬୪୯ ଜଣଙ୍କୁ ଗୃହ ବିଭାଗ ପକ୍ଷରୁ ନୋଟିସ ଜାରି ହୋଇଥିଲା । ସେତେବେଳେ ମଧ୍ୟ ଏହି ସଂଖ୍ୟାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା ।

ରାଜନଗର ବ୍ଲକ ୨୯ ପଞ୍ଚାୟତ ମଧ୍ୟରୁ ୧୯ଟିରେ ବଙ୍ଗ ଭାଷାଭାଷୀ ବାସ କରୁଥିବାରୁ ସେମାନଙ୍କ ମଧ୍ୟରୁ କିଏ ବାଂଲାଦେଶୀ ଓ କିଏ ନୁହେଁ ତାହା ଜାଣିବା କଷ୍ଟକର ହୋଇପଡ଼ିଛି । ସରକାର ସେମାନଙ୍କ ତିନି ପିଢ଼ିର କାଗଜାତ ଯାଞ୍ଚ କଲେ ହୁଏତ ସେମାନଙ୍କୁ ଚିହ୍ନଟ କରାଯାଇ ପାରିବ । ଏହି ବ୍ଲକର କେରୁଆଁପାଳ, ରଙ୍ଗଣି, ବାଘମାରୀ, ତାଳଚୁଆ, କୃଷ୍ଣନଗର ଆଦି ପଞ୍ଚାୟତର ଗାଁଗୁଡ଼ିକ ସମ୍ପୂର୍ଣ୍ଣ ବଙ୍ଗଭାଷୀ । ଏମାନଙ୍କ ମଧ୍ୟରୁ ଅଧିକାଂଶ ସଂଖ୍ୟାଲଘୁ ସମ୍ପ୍ରଦାୟର । ଏହା ବାଦ୍ ଡାଙ୍ଗମାଳ, ଖମାରସାହି, ଈଶ୍ୱରପୁର, ଘଡ଼ିଆମାଳ, କଣ୍ଡିରା, ଭିତରଗଡ଼, ସାତଭାୟା, ଗୁପ୍ତି, ଡେରା, ହାତିନା, କୁରୁଣ୍ଟି, ବ୍ରାହ୍ମଣସାହି, କୋଇଲିପୁର ଓ ରାଜନଗର ପଞ୍ଚାୟତର ବିଭିନ୍ନ ଗାଁରେ ବଙ୍ଗ ଭାଷାଭାଷୀ ଲୋକ ବସବାସ କରୁଛନ୍ତି । ଅନେକ ସ୍ଥାନରେ ସେମାନେ ସରକାରୀ ଜମି ବିଶେଷକରି ପାଣି ନାଳ, ଜଙ୍ଗଲ ଜମି, ରାସ୍ତାପାର୍ଶ୍ୱରେ ଥିବା ଅନାବାଦୀକୁ ଜବରଦଖଲ କରି ରହି ଆସୁଛନ୍ତି । ସେମାନେ ଏଠାରେ ନିଜର ସ୍ଥିତି ଜାହିର କରିବା ପାଇଁ ଜମି କିଣିବା ସହ ଫଟୋ ପରିଚୟପତ୍ର, ଆଧାର କାର୍ଡ ଓ ରେସନକାର୍ଡ ହାତେଇଛନ୍ତି । ପୂର୍ବରୁ ଏହି ଅଞ୍ଚଳରେ ଜାଲ୍ ନୋଟ କାରବାର, ହାମ ରେଡିଓ ପ୍ରତିଷ୍ଠା, ମୂର୍ତ୍ତି ଚୋରି, ଭିତରକନିକାର ଅନେକ ଜୀବଜନ୍ତୁ ଓ ଲୁଣା ଜଙ୍ଗଲ କାଠ ବାହାରକୁ ଚାଲାଣ କରିବାର ନଜିର ରହିଛି । ବେଆଇନ ଭିଏଚଏଫ ବ୍ୟବହାର କରାଯାଉଥିଲେ ମଧ୍ୟ ତାହାର ଯାଞ୍ଚ କରାଯାଉନି । ସେହିପରି ବାହାରୁ କିଛି ଲୋକେ ଆସି ଏଠିକା ଲୋକଙ୍କୁ ପ୍ରବର୍ତ୍ତାଇ ଧର୍ମ ପରିବର୍ତ୍ତନ କରୁଛନ୍ତି । ଏଭଳି ସ୍ପର୍ଶକାତର ଘଟଣାକୁ ଜିଲା ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଧର୍ମ ପରିବର୍ତ୍ତନକାରୀ ସେମାନଙ୍କ ଆଧିପତ୍ୟ ଜାହିର କରିବାରେ ଲାଗିଥିବା ଅଭିଯୋଗ ହୋଇଆସୁଛି । ସମୁଦ୍ର ତଟବର୍ତ୍ତୀ ରାଜନଗର ବ୍ଲକର ଏହି ଗାଁଗୁଡ଼ିକର ଲୋକଙ୍କୁ ଜଳପଥରେ ବୋଟ୍ ଯୋଗେ ଯିବା ଆସିବା କରିବା ସହଜ ହୋଇଥାଏ । ଏହାର ଫାଇଦା ନେଇ ଜଳପଥରେ ଅନୁପ୍ରବେଶ ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ରାଜନଗର ଅଞ୍ଚଳରେ କଡ଼ାକଡ଼ି ଯାଞ୍ଚ କରାଯାଇ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ଜିଲାବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲେ ହେଁ ଏହାର ପ୍ରଭାବ ଆଦୌ ପରିଲକ୍ଷିତ ହେଉନି ।

# ୨୪ ଜିଲାକୁ କାଳବୈଶାଖୀ ସତର୍କତା

## ୪ଦିନ ପରେ ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୨୯।୪(ନି.ପ୍ର): ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି । କିଛି ଅଞ୍ଚଳରେ ଘଣ୍ଟାପ୍ରତି ୩୦ରୁ ୪୦କି.ମି ବେଗରେ ପବନ ବହିଛି । ପାରାଦ୍ୱୀପ, କେନ୍ଦୁଝର, ଛତ୍ରପୁର, ନବରଙ୍ଗପୁର, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାର କେତେକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହୋଇଛି । ମଙ୍ଗଳବାର ରାଜ୍ୟର ସମସ୍ତ ଅଞ୍ଚଳରେ ଦିନ ତାପମାତ୍ରା ୪୦ଡିଗ୍ରୀ ତଳେ ରହିଛି । ଝାରସୁଗୁଡ଼ାରେ ଦିନ ତାପମାତ୍ରା ୩୯.୮ ଡିଗ୍ରୀ ଥିବାବେଳେ ବୌଦ୍ଧ ୩୯, ଖୋର୍ଦ୍ଧା ୩୯.୫, ଭୁବନେଶ୍ୱର ୩୬.୭ ଏବଂ କଟକରେ ୩୫.୨ ଡିଗ୍ରୀ ରହିଛି । ଆସନ୍ତା ୪ଦିନ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ପରବର୍ତ୍ତୀ ୩ଦିନ ମଧ୍ୟରେ ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିପାରେ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଜପତି, ଗଞ୍ଜାମ ଏବଂ ଢେଙ୍କାନାଳ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇପାରେ । କିଛି ଅଞ୍ଚଳରେ ଘଣ୍ଟାପ୍ରତି ୪୦ରୁ ୫୦କି.ମି ବେଗରେ ପବନ ବହିବାସମ୍ଭାବନା ରହିଛି । ଏସବୁ ଜିଲାଗୁଡ଼ିକୁ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନୁରୂପ ଭାବେ ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲାଗୁଡ଼ିକ ମଧ୍ୟରୁ କିଛି ସ୍ଥାନରେ ଘଣ୍ଟାପ୍ରତି ୩୦ରୁ ୪୦କି.ମି ବେଗରେ ପବନ ବହିବାର ସମ୍ଭାବନା ରହିଛି ।

# ପହିଲାରୁ ଭିତରକନିକା ବନ୍ଦ

ରାଜନଗର, ୨୯।୪ : କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଥିବାରୁ ମେ' ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ ରହିବ । ନଦୀ ନାଳଗୁଡ଼ିକରେ ଥିବା କୁମ୍ଭୀର ବସା ବାନ୍ଧି ଅଣ୍ଡା ଦେବେ । ସେମାନଙ୍କ ମିଳନ ପର୍ବ ଓ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ନ ଉପୁଜିବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରଖାଯିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ମା' କୁମ୍ଭୀର ଅଣ୍ଡା ଦେଇସାରିବା ପରେ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ଛୁଆ ଫୁଟିବା ପର୍ଯ୍ୟନ୍ତ ସେଠାରେ ଜଗି ରହିଥାଏ । ଏହି ସମୟରେ ସେ ଅଧିକ ହିଂସ୍ର ହୋଇ ଉଠିଥାଏ । ସେ ଦୃଷ୍ଟିରୁ ପର୍ଯ୍ୟଟକଙ୍କୁ ଭିତରକନିକା ଆସିବାକୁ ବାରଣ କରାଯାଇଛି ।

### କଥା କଥାରେ
– ଶିଳ୍ପୀ ଅଶୋକ

ସବୁଜ ସଙ୍କେତ ମିଳିଲା ସେନାକୁ
ଜଳ, ସ୍ଥଳ ଆଉ ଆକାଶ
ଯେଉଁ ବାଟେ ହେଉ ପାକିସ୍ତାନିଆଙ୍କ
ହୋଇବ ହିସାବ ନିକାଶ ।
ସୁରୁ ହୋଇଗଲା ପ୍ରସେସ,
ତଡ଼ ରଡ଼ ଝଣ ତଡ଼ ରଣ ଝଣ
ଆମେ ବାଘ ପାକ୍ ଖର୍ଗୋସ !!

### ଓଡ଼ିଶାର ପ୍ରଖ୍ୟାତ ସନ୍ଥ କବି ଅରକ୍ଷିତ ଦାସଙ୍କ ସମ୍ପର୍କରେ ଗବେଷଣା

ଓଡ଼ିଶାର ଜନଜୀବନକୁ ବିପୁଳ ଭାବରେ ପ୍ରଭାବିତ କରିଥିବା ଭକ୍ତ ଓ ସାରସ୍ୱତ ସାଧକ ଅରକ୍ଷିତ ଦାସଙ୍କ ସମ୍ପର୍କରେ ଗବେଷଣା କରି ଶ୍ରୀଯୁକ୍ତ ସର୍ବେଶ୍ୱର ଜେନା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡ଼ି ଉପାଧି ପ୍ରାପ୍ତି ହୋଇଛନ୍ତି । ସେ ଖ୍ୟାତନାମା ସାହିତ୍ୟିକ ପ୍ରଫେସର ବିଜୟ କୁମାର ଶତପଥୀଙ୍କ ଅଧିନରେ ଗବେଷଣା କରୁଥିଲେ । ଶ୍ରୀଯୁକ୍ତ ଜେନା ହେଉଛନ୍ତି ମାହାଙ୍ଗା ଅଞ୍ଚଳର କୁମୁଡ଼ା ଜୟପୁରର ଅଧିବାସୀ ଓ ସେ ଏବେ ଜଗତପୁର ନୂଆସାହିରେ ସପରିବାର ବସବାସ କରୁଛନ୍ତି । ପିତାମାତା ଧର୍ମପ୍ରାଣ ସ୍ୱର୍ଗତ ବାଞ୍ଛାନିଧି ଓ କୌଶଲ୍ୟା ଦେବୀ ଜ୍ୟେଷ୍ଠଭ୍ରାତା ପଞ୍ଚାନନଙ୍କର ଆଶୀର୍ବାଦ, ପ୍ରେରଣା ତାଙ୍କର ଏହି ଗବେଷଣା କ୍ଷେତ୍ରରେ ପାଥେୟ ହୋଇଛି ବୋଲି ସେ କହିଛନ୍ତି । ଗବେଷଣା ନିବନ୍ଧଟି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରସିଦ୍ଧ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଓ ବିଶିଷ୍ଟ ଲେଖିକା ପ୍ରଫେସର ବିଷ୍ଣୁପ୍ରିୟା ଓ ତାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଏହି ଗବେଷଣାର ଶ୍ରେୟ ଶ୍ରୀ ଜେନା ଯେଉଁମାନଙ୍କୁ ପ୍ରଦାନ କରିଛନ୍ତି ସେମାନେ ହେଲେ ତାଙ୍କର ପତ୍ନୀ ସରୋଜିନୀ, ସାନଭାଇ କପିଳେନ୍ଦ୍ର, ମାମୁଁ ସମାଜସେବୀ ରଘୁନାଥ, ବଡ଼ଚଣା ଅଞ୍ଚଳର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି, ପୁତ୍ର ବାବୁ, ବୁବୁ, ନାଲୁ, ଲୁଲୁ, ରକି, କନ୍ୟା ସବି, ମମି, ବବି, ରୁବି, କବି ଓ ପୁତ୍ରବଧୂ ଶୁଭଦର୍ଶିନୀ, ସଭୁସିନୀ, ମିଷ୍ଟି ଓ ରୋଜି ପ୍ରଭୃତିଙ୍କୁ । ତାଙ୍କର ହିତକାଂକ୍ଷୀ ବନ୍ଦୋବସ୍ତ ଅଧିକାରୀ କ୍ଷେତ୍ରମୋହନ ସ୍ୱାଇଁ, ନାରାୟଣ ପ୍ରସାଦ ମହାନ୍ତି, ବିଶିଷ୍ଟ ଆଇନଜୀବି ବିଭୂତି ଭୂଷଣ ମିଶ୍ର, ଟେଲିକମ୍ ବିଭାଗର ଅଧିକାରୀ ନିମାଇଁ ଚରଣ ଖୁଣ୍ଟିଆ ଓ ସମାଜସେବୀ କାହ୍ନୁଚରଣ ବେହେରା, କଟକର ସେଣ୍ଟଲମେଣ୍ଟର ଇନ୍‌ସପେକ୍ଟର ଧୀରେନ୍ଦ୍ର ନାଥ ମହାନ୍ତି ମଧ୍ୟ ଏ କ୍ଷେତ୍ରରେ ତାଙ୍କୁ ଉତ୍ସାହ ପ୍ରଦାନ କରିଛନ୍ତି ।

ସମ୍ପ୍ରତି ଗବେଷକ ଶ୍ରୀ ଜେନା ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବରେ କାର୍ଯ୍ୟରତ ।


ରିଚାର୍ଜେବୁଲ AudiZone Experience the sound
ଶ୍ରବଣ ଯନ୍ତ୍ର
ଏବେ ବ୍ୟାଟେରି ଚାଳିତ
ଶ୍ରବଣ ଯନ୍ତ୍ର ମୂଲ୍ୟରେ ଉପଲବ୍ଧ
Digital Hearing AID
ଅଡିଜୋନ୍ ଆସନ୍ତୁ, ଭଲ ଶୁଣନ୍ତୁ
Mob: 9439543332
ଶାଖା କାର୍ଯ୍ୟାଳୟ:- ବରମୁଣ୍ଡା, ସହିଦନଗର, ଜୟଦେବ ବିହାର, ଲିଙ୍କରୋଡ, ମଙ୍ଗଳାବାଗ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, କୋରାପୁଟ, ବାଲେଶ୍ୱର, କେନ୍ଦୁଝର
AUDIZONE SPEECH & HEARING CLINIC



ବରିଷ୍ଠ ଶ୍ରମିକନେତାଙ୍କ ୮୨ତମ ସ୍ୱର୍ଣନକ୍ଷତ୍ର

ଇଂ ସୁଧାକର ମନ୍ତ୍ରୀ
ଫ୍ଲାଟ୍-୦୦୧,ଟାୱାର-୪ଜେନ୍ ୱାନ୍ ଇଷ୍ଟେଟ୍ କିଟ୍ ପଟିଆ, ଭୁବନେଶ୍ୱର
ହେ ପୂଜ୍ୟ, ଆଜି ୮୨ତମ ଶୁଭ ଜନ୍ମଦିନରେ ଶୁଭେଚ୍ଛା । କେବଳ ଓଡ଼ିଶା ନୁହେଁ ପୂର୍ବଉପକୂଳର ଆପଣ ବରିଷ୍ଠତମ ଶ୍ରମିକନେତା ଶ୍ରମିକମାନଙ୍କ ହିତ ପାଇଁ ଆପଣଙ୍କ ସଂଗ୍ରାମୀ ଜୀବନ ତଥା ପୁତ୍ର ପରିବାରକୁ ଅଣଦେଖାକରି ଅନ୍ୟ ପାଇଁ ବଞ୍ଚିବାର ଶାଶ୍ୱତ ଆନନ୍ଦର ପଥ ଦେଖାଇଛନ୍ତି । ମୂଲ୍ୟବୋଧ ଓ ଆଦର୍ଶରୁ କେବେ ବି ବିଚ୍ୟୁତ ନ ହୋଇ ଆମ ପରିବାର ଓ ସମାଜ ଆଗରେ ପାଲଟିଛନ୍ତି ପ୍ରେରଣା । ପ୍ରଭୁ ଜଗନ୍ନାଥ ଓ ଠାକୁର ଶ୍ରୀ ଶ୍ରୀ ନିଗମାନନ୍ଦ ଆପଣଙ୍କୁ ସୁସ୍ଥ ଓ ନିରାମୟ ରଖନ୍ତୁ, ଏତିକି ପ୍ରାର୍ଥନା ।
ଶୁଭେଚ୍ଛା : ପତ୍ନୀ-ମିତାରାଣୀ, ପୁତ୍ର-ସୂର୍ଯ୍ୟକାନ୍ତ, ଝିଅ-କ୍ୱାଇଁସ୍ମିତା, ସୁସ୍ମିତା, ରଶ୍ମିତା, ସଂଘମିତ୍ରା, ନିହାରିକା-ବିଜେନ୍, ପ୍ରଦୀପ୍ତ କୁମାରେଶ, ପ୍ରତାପ, ଅମରେଶ ଓ ସମସ୍ତ ନାତିନାତୁଣୀ



ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/ 2025-26/03, ତା.28.04.2025ରିଖ
ଟେଣ୍ଡର ନଂ.: 06255009, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରଶସ୍ତ (Wider) ପ୍ରିଷ୍ଟ୍ରେସ୍ଡ କଂକ୍ରିଟ ସ୍ଲିପର, ପରିମାଣ : TS ଅନୁସାରେ ।
ଟେଣ୍ଡର ଖୋଲାଯିବା ତାରିଖ : ତା. 23.05.2025 ରିଖ ।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-81/Q/25-26



MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5251



ଆଇସିଏଆର-ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
ICAR-Indian Institute of Water Management
(ଭାରତୀୟ କୃଷି ଗବେଷଣା ପରିଷଦ / Indian Council of Agricultural Research)
(ରେଲ ବିହାର ସମ୍ମୁଖ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩, ଓଡ଼ିଶା
OPP. Rail Vihar, Chandrashekharpur, Bhubaneswar-751023, Odisha
ବିଜ୍ଞପ୍ତି ସଂଖ୍ୟା : ଆଇସିଏଆର-IIଡବ୍ଲୁଏମ୍/୧/୨୦୨୫ ତାରିଖ : ୨୮.୦୪.୨୦୨୫
ନିଲାମ ବିଜ୍ଞପ୍ତି
ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଆଇସିଏଆର-ଆଇଆଇଡବ୍ଲ୍ୟୁଏମ ମୁଖ୍ୟ କ୍ୟାମ୍ପସରେ ପଡ଼ିରହିଥିବା ତ୍ରୁଟିଯୁକ୍ତ/ଅବ୍ୟବହାର୍ଯ୍ୟ ଟ୍ରାନ୍ସଫର୍ମରର ନିଲାମ ୦୯.୦୫.୨୦୨୫ ତାରିଖରେ ଅନୁଷ୍ଠିତ ହେବ । ଆଗ୍ରହୀ ବିଡରମାନେ ଆମର ଆଧିକାରିକ ୱେବସାଇଟ୍: https://iiwm.icar.gov.in ପରିଦର୍ଶନ କରିପାରିବେ । ଏହା ବ୍ୟତୀତ, ବିଜ୍ଞାପନର ପରବର୍ତ୍ତୀ ସୂଚନା/ସଂଶୋଧନ ପାଇଁ ବିଡରମାନଙ୍କୁ ନିୟମିତ ଭାବରେ ଆମର ୱେବସାଇଟ୍ ଦେଖିବା ପାଇଁ ଅନୁରୋଧ କରାଯାଉଛି । ଏଥିପାଇଁ କୌଣସି ପୃଥକ ବିଜ୍ଞାପନ ପ୍ରକାଶ କରାଯିବ ନାହିଁ । କୌଣସି ଅସୁବିଧା ପାଇଁ ବିଡରମାନେ sanjay.jena7576@gmail.com ଇମେଲ ମାଧ୍ୟମରେ ଆମ ସହିତ ଯୋଗାଯୋଗ କରିପାରିବେ ।
ସ୍ୱା/-ପ୍ରଶାସନିକ ଅଧିକାରୀ



भा.क.नि.
CCI A MINI RATNA COMPANY
भारतीय कपास निगम लिमिटेड,
(भारत सरकार का उपक्रम, वस्त्र मंत्रालय(
भाव नारायण निलयम निवास ,होटल ज्योति महल के पास कान्वेंट रोड ,रायगडा –७६५००१, ओडिशा।
CIN: U51490MH1970GOI014733
RIGHT TO INFORMATION
अल्पावधि पुनः निविदा सूचना / Short Term Re-Tender Notice
भारतीय कपास निगम लिमिटेड, शाखा कार्यालय: रायगडा, फसल वर्ष 2024-25 के लिए पूर्ण बंधित गांठो से संबंधित विभिन्न कार्यों जैसे कि ढोना, डी-स्टैकिंग, वजन, नमूना काटना आदि को करने और विभिन्न स्थानों पर स्थित गोदामों में तिरपाल, ग्रे कपड़ा, जूट सुतली और लिंट बाउंड्री जैसी विविध वस्तुओं को संभालने के लिए प्रतिष्ठित जॉब वर्क ठेकेदार से दो बोली (तकनीक एवं वित्तीय) निविदा आमंत्रित करता है। निविदा सामग्री अन्य विवरण को सीसीआई वेबसाइट http://www.cotcorp.org.in एवं http://www.eprocure.gov.in. पर प्राप्त किया जा सकता है। निविदा जमा करने के अंतिम समयावधि दिनांक 05.05.2025 को दो पहर 2:30 बजे तक है।
The Cotton Corporation of India Limited, Branch Office: Rayagada, invites sealed Tenders in two Bid system (Technical & Financial) from reputed Job Work Contractors for handling various works relating to Fully Pressed Cotton Bales like De-stacking, Rolling Weighment, Sample cutting etc and for handling the miscellaneous items like Tarpaulins, Grey cloth, Jute Twine and Lint boundaries in various Godowns situated at different locations as mentioned in the prescribed Tender form for the current Cotton Season 2024-25. Prescribed Tender Form and other details Other details regarding the Tender can be obtained from CCI website http://www.cotcorp.org.in and Govt. portal http://www.eprocure.gov.in. The last date for submission of tender is on or before 05.05.2025 till 2:30 PM.
SCA/568



P.G. DEPARTMENT OF ZOOLOGY
MAHARAJA SRIRAM CHANDRA BHANJA DEO UNIVERSITY
Sriram Chandra Vihar, Takatpur, Baripada
Mayurbhanj - 757003, Odisha
WALK-IN INTERVIEW FOR THE RECRUITMENT OF A PROJECT ASSISTANT IN P.G. DEPARTMENT OF ZOOLOGY, MSCB UNIVERSITY, BARIPADA
A walk-in interview will be held on **09.05.2025** at **10.00 A.M.** at P.G. Department of Zoology, Maharaja Sriram Chandra Bhanja Deo University, Baripada for the engagement of one Project Assistant for two years in an MRI-funded Research Project **"Role of canonical and noncanonical Wnt signalling and its modulation by glycosaminoglycans during limb regeneration in tadpoles of Indian tree frog, Polypedates maculatus (Gray, 1830)".** Interested candidates with M. Sc. in Zoology with 55% marks should report with CV, original and copies of marksheets and certificates from 10th to post-graduation. The engagement is purely temporary and co-terminus with the project and bound by the terms and conditions of MRI, OSHEC. The remuneration of the project Assistant is **Rs.12,000/-** per month.
Sd/- PI, MRI RP
Department of Zoology
MSCB University, Baripada



होटल प्रबंध और खान-पान प्रौद्योगिकी तथा अनुप्रयुक्त पोषाहार संस्थान, भुवनेश्वर
Institute of Hotel Management
Catering Technology & Applied Nutrition
Veer Surendra Sai Nagar, Bhubaneswar-751010
PHONE: (0674) 2589241, MOBILE : 9437574465
(Established by Government of India, Ministry of Tourism)
ADMISSION NOTICE
Applications (Type written / download from **www.ihmbbs.org**) as per the format given below are invited for admission to the under mentioned courses conducted by the Institute for the academic year-2025-26.

| Sl. No. | Name of the Course | Duration |
|---|---|---|
| 1. | Diploma Course in Food Production | 1½ Year |
| 2. | Diploma Course in Housekeeping Operation | 1½ Year |
| 3. | Diploma Course in Food & Beverage Service | 1½ Year |
| 4. | Craftsmanship course in Food Production & Patisserie | 1½ Year |

**QUALIFICATION:**
**For Serial No.1, 2 & 3:** Successful completion of Class 12th of 10+2 system or equivalent qualification.
**For Serial No. 4:** Successful completion of Class 10th of 10+2 system or equivalent qualification
**AGE:** No age limit
**Seats are reserved for SC/ST/OBC & Physically Handicapped candidates as per the Government of India rules.**
For student having permanent residence in mining affected blocks from district of Keonjhar, the fees for the above courses is free.
The completed Application Form, accompanied by a passport-sized photograph and attested copies of certificates and mark sheets, must be submitted to the **Principal , Institute of Hotel Management Catering Technology & Applied Nutrition, V.S.S Nagar, Bhubaneswar-751010,** on or before **1st June, 2025** positively.
**For more details visit: www.ihmbbs.org**
Sd/-
प्रधानाचार्य / (Principal)
**NOTE:**
1. Separate application should be sent for more than one course.
2. The selection will be on the basis of merit of qualifying marks.



SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୭୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ ।
ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା୦୬.୦୬.୨୦୨୫ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ ।
ଇ-ନିଲାମ ତାରିଖ ଏବଂ ସମୟ: ତା.୦୬.୦୬.୨୦୨୫ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ସୁବ୍ରତ କୁମାର ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ, ସା: ଇନ୍ଦ୍ରମଣୀ ସାହୁ କଲୋନୀ, ଅପର୍ଣ୍ଣା ନଗର, ଚାଉଳିଆଗଞ୍ଜ, ଜିଲ୍ଲା: କଟକ-୭୫୩୦୦୨ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଘଙ୍ଗାପାଟଣା, ଥାନା: ଚନ୍ଦକା(ଥାନା ନଂ.: ୪୬), ତହସିଲ: ଭୁବନେଶ୍ୱର, ଏସଆର୍ କାର୍ଯ୍ୟାଳୟ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୫୧୨/୯୯୭, ପ୍ଲଟ୍ ନଂ.: ୧୫୭୮/୨୫୩୯, କ୍ଷେତ୍ର: ଏକର୦.୫୮୦ଡିସିମିଲିରୁ ଏକର୦.୧୬୦.୬୯ଡିସିମିଲି (୭୦୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪ ଭାବେ ଚିହ୍ନଟ, ଅନୁରୂପ ସାବିକ ଖାତା ନଂ.: ୩୦୨, ପ୍ଲଟ୍ ନଂ.: ୧୫୭୮ (ସାରଦ ୧) ଏକର୦.୭୦୦ଡିସିମିଲିରୁ ଏକର୦.୫୮୦ଡିସିମିଲି | ୨୭.୦୧.୨୦୨୦ ସୁଦ୍ଧା ଟ.୫୩,୩୬,୮୨୯/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୭.୦୧.୨୦୨୦ | ଟ.୨୧,୧୭,୦୦୦/- / ଟ.୨,୧୧,୭୦୦/- / ଟ.୫୦,୦୦୦/- |

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୦୪.୦୬.୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com
ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ କିଶୋର ଚନ୍ଦ୍ର ସେଠୀ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୨୪୯୦୧୦୩୭୩, ସିସିଓ: ଶ୍ରୀ ନିଗମାନନ୍ଦ ବେହେରା, ମୋ.: ୭୯୭୮୯୦୨୯୧୩
ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୦୪.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ